# NATIONAL NEWS BULLETIN (ODIA)

**12 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଉଚ୍ଚସ୍ତରୀୟ ବୈଠକ ଜାରି ।

- ଭଗବାନ ବୁଦ୍ଧଙ୍କ ଜନ୍ମ ଏବଂ ନିର୍ବାଣ ଦିବସ ଅବସରରେ ଆଜି ପାଳନ କରାଯାଉଛି ବୁଦ୍ଧ ପୂର୍ଣ୍ଣିମା ।

\- ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ।

- ଛତିଶଗଡରେ ଏକ ସଡ଼କ ଦୁର୍ଘଟଣାରେ ୧୩ଜଣଙ୍କ ମୃତ୍ୟୁ ।

- ଯୁଦ୍ଧର ଅବସାନ ପାଇଁ ରୁଷ୍ ସହ ଆଲୋଚନା ଲାଗି ରାଜିହେଲା ୟୁକ୍ରେନ ।

ଏବଂ

- ଟେଷ୍ଟ କ୍ରିକେଟରୁ ଅବସର ନେଲେ ବିରାଟ କୋହଲି ।

## ପିଏମ୍ ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଜାରି ରହିଛି । ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ, ତିନି ସେନାବାହିନୀର ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି ।

## ଅପରେସନ ସିନ୍ଦୂର

ଅପରେସନ ସିନ୍ଦୂର ପାକିସ୍ତାନର ସନ୍ତ୍ରାସବାଦ ବିରୁଦ୍ଧରେ ଭାରତୀୟ ସେନାର ଦୃଢ଼ ପ୍ରତିବାଦକୁ ପ୍ରଦର୍ଶିତ କରିଛି । ଭାରତୀୟ ସେନାର ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତ ପାକିସ୍ତାନ ଓ ପାକ୍ ଅଧିକୃତ ଜାମ୍ମୁକାଶ୍ମୀର ଅଞ୍ଚଳର ୯ଟି ସନ୍ତ୍ରାସବାଦୀ କେନ୍ଦ୍ରସ୍ଥଳ ଉପରେ ଆକ୍ରମଣ କରିଥିଲା । ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ଭାରତୀୟ ସେନାର ସାମରିକ ଅଭିଯାନ ମହାନିର୍ଦ୍ଦେଶକ ଡିଜିଏମ୍‌ଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ସୂଚନା ଦେଇଥିଲେ । ଉଭୟପକ୍ଷର ସାମରିକ ଅଭିଯାନ ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଆଜି

ଅସ୍ତ୍ରବିରତି ବୁଝାମଣା ଏବଂ ଏହାର ପରବର୍ତ୍ତୀ ପଦକ୍ଷେପ ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ବିଜେପି ଅପରେସନ ସିନ୍ଦୁର

ବଜେପି ଆଜି କହିଛି ଅପରେସନ ସିନ୍ଦୁର ଜରିଆରେ ସନ୍ତ୍ରାସବାଦ ବିରୁଦ୍ଧରେ ସଂଗ୍ରାମ କରି ଭାରତ ସମଗ୍ର ବିଶ୍ୱକୁ ନିର୍ଣ୍ଣାୟକ ବାର୍ତ୍ତା ପ୍ରଦାନ କରିଛି । ନୂଆଦିଲ୍ଲୀଠାରେ ଦଳୀୟ ମୁଖ୍ୟକାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଦଳର ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦ଟି ରାଷ୍ଟ୍ରର ନେତାମାନଙ୍କ ସହ ପ୍ରତ୍ୟେକ୍ଷ ଭାବେ ପାକିସ୍ତାନକୁ ଏକଘରିକିଆ ଏବଂ ସନ୍ତ୍ରାସବାଦ ବିରୁଦ୍ଧରେ ସଂଗ୍ରାମ ପାଇଁ ସର୍ବସମ୍ମତି ହାସଲ କରିବା ଲାଗି ଆଲୋଚନା କରିଛନ୍ତି । ସାଉଦୀ ଆରବ, ୟୁନାଇଟେଡ୍ ଆରବ ଏମିରେଟ୍ସ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଅନ୍ୟାନ୍ୟ ଇସଲାମିକ ରାଷ୍ଟ୍ରଗୁଡ଼ିକ ଏ କ୍ଷେତ୍ରରେ ଭାରତକୁ ସମର୍ଥନ ଜଣାଇଛନ୍ତି ।

**V/O**

ଶ୍ରୀ ପାତ୍ର କହିଛନ୍ତି ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଶ୍ରୀ ମୋଦୀ ୨୬ଜଣଙ୍କ ମୃତ୍ୟୁର ଭାରତ ପ୍ରତିଶୋଧ ନେବ ବୋଲି ପ୍ରତିଜ୍ଞା କରିଥିଲେ । ସେ କହିଛନ୍ତି ଭାରତୀୟ ସେନା ଅପରେସନ ସିନ୍ଦୂର ଜରିଆରେ ନିଜର ଅଦମ୍ୟ ସାହସ ପ୍ରଦର୍ଶନ କରିଛନ୍ତି । ଦେଶର ପ୍ରତ୍ୟେକ ନାଗରିକ, ଭାରତୀୟ ସେନା, ବିମାନ ବାହିନୀ ଏବଂ ନୌବାହିନୀର

ଜବାନମାନଙ୍କ କାର୍ଯ୍ୟରେ ଭୂୟସୀ ପ୍ରଶଂସା କରିଛନ୍ତି । ସେମାନଙ୍କ କାର୍ଯ୍ୟ ଯୋଗୁଁ ଭାରତ ଅପରେସନ ସିନ୍ଦୂରରେ ସଫଳତା ହାସଲ କରିପାରିଛି ବୋଲି ଶ୍ରୀ ପାତ୍ରକହିଛନ୍ତି । ଅପରେସନ ସିନ୍ଦୂର କାଳରେ ଭାରତ ପାକିସ୍ତାନରେ ଥିବା ୯ଟି ସନ୍ତ୍ରାସବାଦୀ ଆଡ୍ଡାକୁ ନଷ୍ଟ କରିଦେଇଛି । ପ୍ରଥମଥର ପାଇଁ ଭାରତ ପାକିସ୍ତାନର ପଞ୍ଜାବ ପ୍ରଦେଶ ଉପରେ ଆକ୍ରମଣ କରି ସନ୍ତ୍ରାସବାଦୀ ଶିବିର ଏବଂ ଆତଙ୍କବାଦୀ ମୂଳୋତ୍ପାଟନରେ ସଫଳ ହୋଇପାରିଛି । ସେ କହିଛନ୍ତି ଏହି ଅପରେସନ ଦ୍ୱାରା ଭାରତ ସଫଳତାର ସହ ଲସ୍କର-ଇ-ତୋଇବା, ଜୈସ-ଇ-ମହମ୍ମଦ, ହିଜବୁଲ ମୁଜାଉଦ୍ଦିନ ଆଦି ସନ୍ତ୍ରାସବାଦୀ ଗୋଷ୍ଠୀଗୁଡ଼ିକୁ ନଷ୍ଟ କରିବାରେ ସଫଳ ହୋଇଛି । ଅପରେସନ ସିନ୍ଦୂରରେ ଉଭୟ ସେନା ଏବଂ ଅଣସାମରିକ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଅଣସାମରିକ ରଣନୀତିର ଅଂଶସ୍ୱରୂପ ୧୯୬୦ ମସିହାରେ ହୋଇଥିବା ସିନ୍ଧୁଜଳ ବୁଝାମଣାକୁ ସ୍ଥଗିତ ରଖାଯାଇଥିଲା । ଯାହାଫଳରେ କି ପାକିସ୍ତାନର ୮୦ ପ୍ରତିଶତ କୃଷି କ୍ଷେତ୍ର ଜଳଯୋଗୁଁ ପ୍ରଭାବିତ ହୋଇଥିଲା ।

## ବୁଦ୍ଧ ପୂର୍ଣ୍ଣିମା

ଭଗବାନ ବୁଦ୍ଧଙ୍କ ଜନ୍ମ ଏବଂ ନିର୍ବାଣ ଦିବସ ଅବସରରେ ସମଗ୍ର ଦେଶ ତଥା ବିଦେଶରେ ଆଜି ବୁଦ୍ଧ ପୂର୍ଣ୍ଣିମା ପାଳନ କରାଯାଉଛି । ଆଜିର ଦିବସରେ ଗୌତମ ବୁଦ୍ଧ ଜନ୍ମ ଗ୍ରହଣ କରିବା ସହ ବୋଧଗୟା ମହାବୋଧି

ବୃକ୍ଷ ତଳେ ନିର୍ବାଣ ପ୍ରାପ୍ତ କରିଥିଲେ । ହିନ୍ଦୁ ଏବଂ ବୌଦ୍ଧାଧର୍ମାଲମ୍ବୀମାନେ ଏହି ଦିବସକୁ ଅତ୍ୟନ୍ତ ଶ୍ରଦ୍ଧାର ସହ ପାଳନ କରିଥାନ୍ତି । ଭାରତ ସମେତ ନେପାଳ, ଭୁଟାନ, ବର୍ମା, ଥାଇଲାଣ୍ଡ, ତୀବ୍ବତ, କୋରିଆ, ଲାଓସ, ଭିଏତନାମ, ମଙ୍ଗୋଲିଆ, କାମ୍ବୋଡ଼ିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଏବଂ ଶ୍ରୀଲଙ୍କାରେ ଏହି ଦିବସ ପାଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଭଗବାନ ବୁଦ୍ଧ ଶାନ୍ତି, ପ୍ରେମ ଏବଂ ଦୟାର ପ୍ରତୀକ ଅଟନ୍ତି । ସମଗ୍ର ମଣିଷ ସମାଜରେ କଲ୍ୟାଣ ତାଙ୍କ ଜୀବନର ବ୍ରତ ଥିଲା । ସାମାଜିକ ନ୍ୟାୟ, ସୌହାର୍ଦ୍ଦ୍ୟ ଏବଂ ସମାନତାକୁ ଆପଣେଇବାରେ ଭଗବାନ ବୁଦ୍ଧଙ୍କର ଆଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରେରଣା ଉତ୍ସ ହୋଇ ରହିଛି ।

ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ତାଙ୍କ ବାର୍ତ୍ତାରେ ବିଶ୍ୱର ସାମ୍ପ୍ରତିକ ପରିସ୍ଥିତିରେ ଭଗବାନ ବୁଦ୍ଧଙ୍କ ଶାନ୍ତି ଏବଂ ଦୟାର ବାର୍ତ୍ତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ମାର୍ଗ ପ୍ରଦର୍ଶନ କରୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଦ୍ଧ ପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ବୁଦ୍ଧଙ୍କର ବାର୍ତ୍ତା ସତ୍ୟ, ସମାନତା ଏବଂ ସଂହତି ଉପରେ ପ୍ରତିଷ୍ଠିତ, ଯାହାକି ମାନବ ସମାଜ ପାଇଁ ପଥପ୍ରଦର୍ଶକ ହୋଇଥାଏ ।

ଭଗବାନ ବୁଦ୍ଧଙ୍କର ଜୀବନୀ ବିଶ୍ୱସମୁଦାୟକୁ ଶାନ୍ତି ଏବଂ ସହାନୁଭୂତି ସ୍ଥାପନ ପାଇଁ ପ୍ରେରଣା ଯୋଗାଇଥାଏ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଏୟାରପୋର୍ଟ ଅପରେସନ-ରିଜ୍ୟୁମ

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ବୁଝାମଣା ହେବାପରେ ବେସାମରିକ ବିମାନ କାର୍ଯ୍ୟାନୁଷ୍ଠାନ ପାଇଁ ସାମୟିକ ଭାବେ ବନ୍ଦ ଥିବା ୩୨ଟି ବିମାନ ବନ୍ଦରକୁ ଖୋଲାଯାଇଛି । ପୂର୍ବରୁ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ଏହିସବୁ ବିମାନବନ୍ଦରଗୁଡିକୁ ବନ୍ଦ ରଖାଯାଇଥିଲା । ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ପକ୍ଷରୁ ଏକ ବିବୃତ୍ତିରେ ଯାତ୍ରୀମାନଙ୍କୁ ନିଜନିଜ ବିମାନ ସ୍ଥିତି ସମ୍ପର୍କରେ ଏୟାରଲାଇନ୍ସର ୱେବ୍‌ସାଇଟ ସହ ନିୟମିତ ଯୋଗାଯୋଗରେ ରହିବା ଲାଗି ପରାମର୍ଶ ଦିଆଯାଇଛି ।

## ଛତିଶଗଡ ରୋଡ଼ ଆକ୍ସିଡେଣ୍ଟ

ଛତିଶଗଡର ରାଜଧାନୀ ରାୟପୁର ନିକଟରେ ଗତକାଲି ରାତିରେ ଏକ ସଡ଼କ ଦୁର୍ଘଟଣାରେ ୧୩ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୯ଜଣ ମହିଳା ଏବଂ ୪ଜଣ ଶିଶୁ ଥିବା ଜଣାପଡିଛି । ଦୁର୍ଘଟଣାରେ ୧୩ ଜଣରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେଇ ଗୋଟିଏ ଗାଡ଼ିରେ ପ୍ରାୟ ୪୦ଜଣ ଫେରୁଥିବାବେଳେ ଗାଡ଼ିଟି

ଏକ ଟ୍ରକ୍ ସହିତ ଖରୋରା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଆହତମାନଙ୍କୁ ରାୟପୁରସ୍ଥିତ ମେଡ଼ିକାଲ କଲେଜ ହସ୍ପିଟାଲ ଏବଂ ଖରୋରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି ।

## ଇଣ୍ଟରନ୍ୟାସନାଲ୍ ନର୍ସ୍ ଡେ

ଫ୍ଲୋରେନ୍ସ ନାଇଟ୍ ଆଙ୍ଗେଲ୍‌ଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମଗ୍ର ବିଶ୍ୱରେ ଆଜି ଆନ୍ତର୍ଜାତିକ ସେବିକା ଦିବସ ପାଳନ କରାଯାଉଛି । ଆନ୍ତର୍ଜାତିକ ସେବିକା ପରିଷଦ ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଉଥିବା ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି 'ଆମ ନର୍ସ୍, ଆମ ଭବିଷ୍ୟତ, ସେବିକାଙ୍କ ପାଇଁ ଯତ୍ନବାନ ହେବା ଦ୍ୱାରା ଆର୍ଥିକ ସ୍ଥିତି ସୁଦୃଢ଼ ହେବ' । ଏହି ଶୀର୍ଷକ ଦେଶର ଆର୍ଥିକ ପ୍ରଗତିରେ ସେବିକାଙ୍କ ଭୂମିକାକୁ ଆଲୋକପାତ କରୁଛି । ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ଼ କରିବାରେ ସେବିକାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଅବସରରେ ସେବିକା ସମାଜକୁ ଅଭିନନ୍ଦନ ଜଣାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ମଣିଷର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସେବିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ।

ଆନ୍ତର୍ଜାତିକ ସେବିକା ଦିବସ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଅଭିବୃଦ୍ଧି ସୁଦୃଢ଼ କରିବା ଦିଗରେ ସେବିକାମାନେ ପ୍ରତ୍ୟେକ୍ଷ ଭାବେ ଜଡିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ନଡ୍ଡା କହିଛନ୍ତି ସେବିକାମାନଙ୍କ ଲାଗି

ହେଉଥିବା ନିବେଶ, ସୁସ୍ଥ ସମାଜ ଗଠନ ଦିଗରେ ବିନିଯୋଗ ସହ ସମାନ ଅଟେ । ସେବିକାମାନେ ଅନ୍ୟମାନଙ୍କ ଜୀବନଲାଗି ଉତ୍ସର୍ଗୀଗୃତ ମନୋଭାବ ସହ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ପ୍ରତ୍ୟେକ ନାଗରିକ ସୁରକ୍ଷା ଏବଂ ଉପଯୁକ୍ତ ସମ୍ମାନ ଦେବା ଉଚିତ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ୟୁକ୍ରେନ୍-ରୁଷିଆ ଟକ୍

ୟୁକ୍ରେନ ରାଷ୍ଟ୍ରପତି ଭୋଲଦମିର୍ ଜେଲେନେସ୍କି' ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ତୁର୍କୀଠାରେ ଆଲୋଚନା କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଦୀର୍ଘଦିନଧରି ଜାରି ରହିଥିବା ବିବାଦର ଅବସାନ ପାଇଁ ସେ ଏହି ଆଗ୍ରହ ପ୍ରକାଶ କରିଥିବା ସୂଚନା ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଜେଲେନେସ୍କି କହିଛନ୍ତି ଯୁଦ୍ଧ ସମାପ୍ତ କରିବା ଲାଗି ସେମାନେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ଆହ୍ୱାନ କ୍ରମେ ୟୁକ୍ରେନ ରୁଷିଆ ସହ ବୁଝାମଣା କରିବା ଲାଗି ଆଗ୍ରହୀ ଥିବା ଜଣାପଡିଛି । ତୁର୍କୀଠାରେ ଆସନ୍ତା ଗୁରୁବାର ଉଭୟପକ୍ଷ ମଧ୍ୟରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ବିରାଟ କୋହଲି ରିଟ୍ୟାରମେଣ୍ଟ

ଭାରତୀୟ କ୍ରିକେଟ ଖେଳାଳି ବିରାଟ କୋହଲି ଦୀର୍ଘ ୧୪ବର୍ଷର କ୍ରିକେଟ ଯାତ୍ରା କରି ଆଜି ଟେଷ୍ଟ କ୍ରିକେଟରୁ ଅବସର ନେବା ଲାଗି

ଘୋଷଣା କରିଛନ୍ତି । ବିରାଟ କୋହଲି ସାମାଜିକ ଗଣମାଧ୍ୟମରେ ତାଙ୍କର ଶୁଭେଚ୍ଛୁମାନଙ୍କୁ ଏହି ବିଷୟରେ ଜଣାଇଛନ୍ତି । ତାଙ୍କର ଏହି ଘୋଷଣା ଭାରତୀୟ ଟେଷ୍ଟ କ୍ରିକେଟରେ ଏକ ଯୁଗର ଅବସାନକୁ ସୂଚିତ କରୁଛି । କୋହଲି ୧୨୩ଟି ଟେଷ୍ଟ ମ୍ୟାଚ୍ ଖେଳି ୯ହଜାର ୨୩୦ ରନ୍ ସଂଗ୍ରହ କରିଛନ୍ତି । ଯାହାକି ହାରାହାରି ୪୬ଦଶମିକ ୮/୫ ପ୍ରତିଶତ। ଦୀର୍ଘ ୧୪ବର୍ଷର ଟେଷ୍ଟ ଜୀବନୀ ମଧ୍ୟରେ ଭାରତ ପାଇଁ କୋହଲ ଚତୁର୍ଥ ସର୍ବୋତ୍ତମ ରନ୍ ସଂଗ୍ରହକାରୀ । ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ ଏବଂ ସୁନୀଲ ଗାଭାସ୍କରଙ୍କ ପରେ କୋହଲିଙ୍କ ସ୍ଥାନ ରହିଛି ।

୨୦୧୧ ମସିହାରେ ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ଖେଳି କୋହଲି ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ । ୨୦୧୯ ମସିହାରେ କୋହଲିଙ୍କ ଅଧିନାୟକତ୍ୱରେ ଭାରତ ପ୍ରଥମଥର ଲାଗି ଅଷ୍ଟ୍ରେଲିଆରେ ସିରିଜ୍ ବିଜୟୀ ହୋଇଥିଲା । ଭାରତ ୨୦୨୪ ଟି-୨୦ ବିଶ୍ୱକପ୍ ବିଜୟ ହାସଲ ପରେ ବିରାଟ କୋହଲି ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ।